# भाकृअनुप – राष्ट्रीय चावल अनुसंधान संस्थान

**ଭା.କୃ.ଅନୁ.ପ.-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬**

(An ISO 9001: 2015 Certified Institute)

## କୃଷି ସୂଚନା ସେବା (ଧାନ)

### ୨୦୨୩ ମସିହା ସେପ୍ଟେମ୍ବର ମାସ ପ୍ରଥମ ପକ୍ଷ ପାଇଁ କାର୍ଯ୍ୟପନ୍ଥା

- ଅନ୍ୟ ପୁରୁଣା ଗଛରୁ ପିଲ ବାହାର କରି କିମ୍ବା ସେହି କିସମର ବୁଢ଼ାତଳି ବଳକା ଥିଲେ ଶୁନ୍ୟ ସ୍ଥାନ ପୂରଣ କରନ୍ତୁ ଯେପରିକି ସବୁଆଡେ ଗଛ ସଂଖ୍ୟା ସମାନ ଦେଖାଦେବ ତଥା ବର୍ଗମିଟର ପିଛା ୩୩ ଟି ବୁଦା ରହିବ ।
- ବିଳମ୍ବରେ ଧାନ ତଳି ରୋଇବାର ଥିଲେ ଚାଷୀଭାଇମାନେ କମ୍ ଦିନିଆ ମଧ୍ୟମ କିସମର ୨୫ ରୁ ୩୦ ଦିନିଆ ତଳି କିମ୍ବା ଅଧିକ ଦିନିଆ କିସମର ୪୫ ରୁ ୫୦ ଦିନିଆ ତଳି ରୋଇପାରିବେ । ଅଧିକ ଦିନିଆ ତଳିକୁ ୧୫ x ୧୫ ସେ.ମି. ବ୍ୟବଧାନରେ ୪ ରୁ ୫ ଟି ତଳି ଅଳ୍ପ ଗଭୀରରେ ରୋଇବା ଉଚିତ୍ ।
- ଘାସ ନିୟନ୍ତ୍ରଣ ପାଇଁ ଏକର ପିଛା ୪ କି.ଗ୍ରା. ଘାସମରା ଦାନାଦାର ବେନ୍‌ସଲଫ୍ୟୁରାନ୍ ମିଥାଇଲ ୦.୬% + ପ୍ରେଟିଲାକ୍ଲୋର ୬% ଜି.ଆର୍. ସହିତ ୪ କି.ଗ୍ରା ବାଲି ମିଶାଇ ଧାନ ତଳି ରୋଇବାର ୫ ରୁ ୧୦ ଦିନ ପରେ ପ୍ରୟୋଗ କରନ୍ତୁ କିମ୍ବା ଘାସ ଗଜା ହେବାର ୮ ରୁ ୧୦ ଦିନ ପରେ ଅର୍ଥାତ୍ ଘାସ ୨-୩ ଟି ପତ୍ର ହୋଇଥିବା ଅବସ୍ଥାରେ ୧୨୦ ମି.ଲି. ବିସ୍‌ପାଇରିବାକ୍‌ସୋଡିୟମ୍ ୧୦% ଏସ୍.ସି. ୧୬ ଲିଟର କ୍ଷମତା ବିଶିଷ୍ଟ ସ୍ପ୍ରେୟରରେ ୮ ଟାଙ୍କି ଦ୍ରବଣ ପ୍ରୟୋଗ କରନ୍ତୁ କିମ୍ବା ଏକର ପିଛା ୯୦୦ ମି.ଲି. ପେନୋକ୍ସୁଲମ୍ + ସାଇହାଲୋଫପ୍ ବ୍ୟୁଟାଇଲ୍ (ଭିଭାୟ) କିମ୍ବା ଏକର ପିଛା ୨୪୦ ଗ୍ରାମ୍ ଫେନୋକ୍ସାପ୍ରୋ-ପି-ଇଥାଇଲ + ୫୦ ଗ୍ରାମ୍ ଇଥୋକ୍ସିସଲଫ୍ୟୁରାନ୍ (ରାଇସ୍‌ଷ୍ଟାର + ସନ୍‌ରାଇଜ୍) ଧାନ ବୁଣିବାର ୧୫ ରୁ ୨୦ ଦିନରେ ୧୬ ଲିଟର କ୍ଷମତା ବିଶିଷ୍ଟ ସ୍ପ୍ରେୟର୍‌ରେ ୮ ଟାଙ୍କି ଦ୍ରବଣ ପ୍ରୟୋଗ କରନ୍ତୁ ।
- ଯଦି ତଳିଘରାରେ ଉକୁଣିଆ ପୋକ ଦେଖାଯାଏ ତେବେଏକର ପ୍ରତି NSKE (ଆଜାଡିରାକ୍ଟିନ୍) ୮୦୦ ମି.ଲି. କିମ୍ବା ଲାମ୍ବଡାସାଇହାଲୋଥ୍ରିନ୍ ୫% ଇ.ସି. ୧୦୦ ମି.ଲି. କିମ୍ବା ଥାୟାମିଥୋକ୍ସାମ୍ ୨୫% ଡବ୍ଲ୍ୟୁ.ଜି. ୪୦ ଗ୍ରାମ୍ ପ୍ରୟୋଗ କରନ୍ତୁ ।
- କାଣ୍ଡବିନ୍ଧା ପୋକ ପ୍ରାଦୁର୍ଭାବ ସମ୍ଭାବନା ଥିବା ଅଞ୍ଚଳରେ ଟ୍ରାଇକୋଗ୍ରାମା ଜାପୋନିକମ୍ ପରଜିବୀର ଅଣ୍ଡା ଏକର ପ୍ରତି ୨୦,୦୦୦ (ଅର୍ଥାତ୍ ୧-୨ଟି ଟ୍ରାଇକୋ କାର୍ଡ) ୪-୫ ଥର ବ୍ୟବହାର କରନ୍ତୁ ।
- କାଣ୍ଡବିନ୍ଧା ପୋକ ଓ ପତ୍ରମୋଡା ପୋକର ଦମନ ପାଇଁ ଏକର ପିଛା ଗୋଟିଏ ଲାଇଟଟ୍ରାପ୍ (ଆଲୋକ ଯନ୍ତା) ବ୍ୟବହାର କରନ୍ତୁ ।
- ଧାନ ଫସଲରେ କାଣ୍ଡବିନ୍ଧା ପୋକ ଏବଂ ପତ୍ରମୋଡା ପୋକର ନିରୀକ୍ଷଣ ପାଇଁ ଏକର ପିଛା ତିନୋଟି ଫେରୋମୋନ୍ ଟ୍ରାପ୍ ରଖନ୍ତୁ । ଯଦି ଗୋଟିଏ ଦିନରେ ଟ୍ରାପ୍ ପିଛା ୪ ରୁ ୫ଟି ପୁରୁଷ ପ୍ରଜାପତି ପଡନ୍ତି, ତେବେ ଏକର ପିଛା ୮୦୦ ମି.ଲି. ଆଜାଡିରାକ୍ଟିନ୍ ୦.୧୫% ଇ.ସି. କିମ୍ବା ୪ କି.ଗ୍ରା. କ୍ଲୋରାନଟ୍ରାନିଲିପ୍ରୋଲ୍ ୪% ଜି.ଆର୍. ସହିତ ବାଲି ସମାନ ଭାବରେ ମିଶାଇ କିମ୍ବା ୬୦ ମି.ଲି. କ୍ଲୋରାନଟ୍ରାନିପ୍ରୋଲ ୧୮.୫% ଏସ୍.ସି. କିମ୍ବା ୧୦୦ ରୁ ୧୨୦ ମି.ଲି. ଟେଟ୍ରାନିଲିପ୍ରୋଲ ୨୦୦ ଏସ୍.ସି. ୨୦୦ ଲିଟର ପାଣିରେ କିମ୍ବା ୧୦ କି.ଗ୍ରା. କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୪ ଜି. କିମ୍ବା ୫୦ ଗ୍ରାମ୍ ଫ୍ଲୁବେନ୍‌ଡିଆମାଇଡ୍ ୨୦ ଡବ୍ଲ୍ୟୁ.ଜି. ୨୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ ।

- ଧାନବୁଦା ପ୍ରତି ଯଦି ୨ଟି ମୋଡାପତ୍ର ଦେଖାଯାଏ, ତେବେ ପତ୍ରମୋଡା ପୋକର ନିୟନ୍ତ୍ରଣ ପାଇଁ ଏକର ପିଛା ୬୦ ମି.ଲି. କ୍ଲୋରାନଟ୍ରାନିଲିପ୍ରୋଲ ୧୮.୫ % ଏସ୍.ସି. କିମ୍ବା ୫୦ ଗ୍ରାମ୍ ଫ୍ଲୁବେନ୍‌ଡିଆମାଇଡ୍ ୨୦ ଡବ୍ଲ୍ୟୁ.ଜି. କିମ୍ବା ୪୦୦ ଗ୍ରାମ୍ କାର୍ଟାପ୍ ୫୦ ଡବ୍ଲ୍ୟୁ.ପି. କିମ୍ବା ୬୪୦ ମି.ଲି. କୁଇନାଲଫସ୍ ୨୫ ଇ.ସି. ୨୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ ।
- ଅନ୍ୟ ପୁରୁଣା ଗଛରୁ ପିଲ ବାହାରକରି ଶୁନ୍ୟସ୍ଥାନ ପୂରଣ କରନ୍ତୁ ଯେପରିକି ସବୁଆଡେ ଗଛ ସଂଖ୍ୟା ସମାନ ଦେଖାଦେବ ତଥା ବର୍ଗ ମିଟର ପିଛା ୩୩ ଟି ବୁଦା ରହିବ ।
- ଯେଉଁ ଜମିରେ ଦସ୍ତା ପରିମାଣ କମ୍ ଥିବ, ଏକ ଏକର ପିଛା ଜିଙ୍କ୍ ଇ.ଡି.ଟି.ଏ ୧ ଲିଟର ପାଣିରେ ଅଧା ଗ୍ରାମ ମିଶାଇ ତଳି ରୋଇବାର ୩୦ ଦିନ ଏବଂ ୪୫ ଦିନ ପରେ ଦୁଇ ଥର ସିଞ୍ଚନ କରନ୍ତୁ କିମ୍ବା ଜିଙ୍କ୍ ସଲଫେଟ୍ ୦.୫% (ଅର୍ଥାତ୍ ଏକର ପାଇଁ ୨ କି.ଗ୍ରା. ଜିଙ୍କ୍ ସଲଫେଟ୍ ସହିତ ୧୦ କି.ଗ୍ରା. ଚୁନକୁ ୪୦୦ ଲିଟର ପାଣିରେ ପ୍ରସ୍ତୁତ ଦ୍ରବଣ) ୧୫ ଦିନ ବ୍ୟବଧାନରେ ତିନି ଥର ସିଞ୍ଚନ କରନ୍ତୁ ।
- ପତ୍ରାଚ୍ଛଦ ପୋଡା ରୋଗ ଦମନ କରିବା ପାଇଁ ଟେବୁକୋନାଜୋଲ୍ ୫୦% ସହିତ ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ୍ ୨୫% ଡବ୍ଲ୍ୟୁ.ଜି. ୦.୪ ଗ୍ରାମ୍ କିମ୍ବା ପ୍ରୋପିକୋନାଜୋଲ୍ ୭୫% ୧ ମି.ଲି. ଏକ ଲିଟର ପାଣିରେ କିମ୍ବା ହେକ୍ସାକୋନାଜଲ ୫୦% ୨ ମି.ଲି. କିମ୍ବା ଭାଲିଡାମାଇସିନ୍ ୩ ଏଲ୍ ୨ ମି.ଲି.ଏକ ଲିଟର ପାଣିରେ ମିଶାଇ ୭-୧୦ ଦିନ ଅନ୍ତରରେ ଦୁଇଥର ସିଞ୍ଚନ କରନ୍ତୁ । ଏକ ଲିଟର ପ୍ରତି ୨୦୦ ଲିଟର ଦ୍ରବଣ ପ୍ରୟୋଗ କରନ୍ତୁ ।
- ଧାନ ଗଛରେ ପତ୍ରପୋଡା/ପତ୍ରାଗାର ରୋଗ ଦେଖା ଦେଲେ ୧ ଲିଟର ପାଣିରେ କପର୍ ଅକ୍ସିକ୍ଲୋରାଇଡ୍ ୧.୫-୨.୦ ଗ୍ରାମ୍ ମିଶାଇ ସିଞ୍ଚନ କରନ୍ତୁ । ୧ ଏକର ଜମି ପାଇଁ ୨୦୦ ଲିଟର ପାଣି ଆବଶ୍ୟକ ହୋଇଥାଏ ।
- ମହିଷା ରୋଗ ଦେଖା ଦେଲେ ଏକ ଲିଟର ପାଣିରେ ଟେବୁକୋନାଜୋଲ ୫୦% + ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ୍ ୨୫% (ନାଟିଭୋ ୭୫% ଡବ୍ଲ୍ୟୁ.ଜି.) ୦.୪ ଗ୍ରାମ୍ କିମ୍ବା ୨ ମି.ଲି. ଏଡିଫେନ୍‌ଫସ୍ ୫୦ ଇ.ସି. କିମ୍ବା ୦.୬ ଗ୍ରାମ୍ ଟ୍ରାଇସାଇକ୍ଲାଜୋଲ୍ ୭୫ ଡବ୍ଲ୍ୟୁ.ପି. ସିଞ୍ଚନ କରନ୍ତୁ । ନତୁବା ଏକ ଲିଟର ପାଣିରେ ସତେଜ ବେଲ ପତ୍ର ବଟା (୨୫ ଗ୍ରାମ୍ ପତ୍ର) କିମ୍ବା ତୁଳସୀ ପତ୍ର ବଟା (୨୫ ଗ୍ରାମ୍ ପତ୍ର) କିମ୍ବା ନିମ୍ବ ପତ୍ର ବଟା (୨୦୦ ଗ୍ରାମ୍ ପତ୍ର) ମିଶାଇ ସିଞ୍ଚନ କରନ୍ତୁ ।
- ବୁଣାଧାନରେ ପତ୍ରଚିତା ରୋଗ ଦେଖାଦେଲେ ଏକର ପ୍ରତି ୨୦୦ ମି.ଲି. ପ୍ରୋପିକୋନାଜୋଲ ୨୫ ଇ.ସି. କିମ୍ବା ୪୦୦ ଗ୍ରାମ୍ ମ୍ୟାଙ୍କୋଜେବ୍ ୭୫ ଡବ୍ଲ୍ୟୁ.ପି. କିମ୍ବା ୪୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦ ଡବ୍ଲ୍ୟୁ.ପି. କିମ୍ବା ଏକର ପ୍ରତି ୩୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୬୪% + ମ୍ୟାଙ୍କୋଜେବ୍ ୮% ୭୫ ଡବ୍ଲ୍ୟୁ.ପି ଭଲ ଭାବେ ମିଶାଇ ସିଂଚନ କରନ୍ତୁ । ଏକ ଏକର ଜମି ପାଇଁ ୨୦୦ ଲିଟର ପାଣି ଆବଶ୍ୟକ ହୋଇଥାଏ
- ୪୫ ଦିନରୁ ଅଧିକ ହୋଇଥିବା ବୁଣାଧାନ ଚାଷଜମିରେ ବେଉଷଣି ନକରିବା ଉଚିତ୍ ।
- ଚାଷୀଭାଇମାନେ ଧାନ ଚାଷ ସମ୍ପର୍କରେ ଅଧିକ ସୂଚନା ବା ବିବରଣୀ ଜାଣିବାକୁ ଚାହୁଁଥିଲେ ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ ଦ୍ୱାରା ବିକଶିତ ରାଇସ୍ ଏକ୍ସପୋର୍ଟ ମୋବାଇଲ ଆପ୍ (riceXpert) ଗୁଗୁଲ୍ ପ୍ଲେଷ୍ଟୋରରୁ ଡାଉନ୍‌ଲୋଡ କରି ବ୍ୟବହାର କରିପାରିବେ ।

**ମଧ୍ୟବର୍ତ୍ତୀକାଳୀନ ମରୁଡି ପରିସ୍ଥିତି ପାଇଁ ବିଶେଷ ସୂଚନା :**

- ବର୍ତ୍ତମାନ ମରୁଡି ହେବା ସମ୍ଭାବନା ଥିବାରୁ ଜମିରେ ଘାସ ନ ହେବା ପାଇଁ ଜମିର ବନ୍ଧକୁ ଉଚ୍ଚକରି ପାଣି ନ ଯାଇପାରିବା ପାଇଁ ବନ୍ଧରେ ଥିବା ଛିଦ୍ର ଗୁଡିକୁ ଭଲଭାବରେ ବନ୍ଦ କରିଦିଅନ୍ତୁ ।
- ଜଳସେଚନର ମାତ୍ରା କମେଇବା ପାଇଁ ଥରେ ଓଦା ଓ ଥରେ ଖୁଖିଲା ପ୍ରଣାଳିରେ ଜଳସେଚନ କରନ୍ତୁ ।

- ଜମିରେ ଆର୍ଦ୍ରତା ରହିବା ପାଇଁ ମାଟିକୁ ନଡା ଓ ପତ୍ର ଦ୍ୱାରା ଆଚ୍ଛାଦିତ କରିଦିଅନ୍ତୁ ।
- ଯଦି ଉଚ୍ଚଜମିରେ ଏପର୍ଯ୍ୟନ୍ତ ଧାନ ବୁଣାଯାଇ ନାହିଁ କିମ୍ବା ମରୁଡ଼ି ହେତୁ ଫସଲ ନଷ୍ଟ ହୋଇଯାଇଛି, ତେବେ ଚାଷୀଭାଇମାନେ କମ୍ ପାଣିରେ ହେଇପାରୁଥିବା କମ୍ ଅବଧିର ଫସଲ ଯଥା ଝୁଡଙ୍ଗ (ଉତ୍କଳମଣିକା), ବିରି (T-୯ ,ଶାରଳା, PU ୧୯,୩୦), ମୁଗ(K-୫୧), କୋଳଥ ଡାଲି(ଉର୍ମି) ଏବଂ ରାଶି (କନକ, କାଳିକା, ଉମା, ଉଷା) ଇତ୍ୟାଦି ଚାଷ କରନ୍ତୁ ।
- ଯଦି ଫସଲ ସଂପୂର୍ଣ୍ଣ ନଷ୍ଟ ହୋଇଥାଏ ତେବେ, ଠିକ୍ ପରିମାଣରେ ବର୍ଷା ହେବା ପରେ ବିରି, ଚଣା କିମ୍ବା ଜହ୍ନି ଇତ୍ୟାଦି ଫସଲ ଚାଷ କରନ୍ତୁ ।
- ଫସଲ କ୍ଷତିରୁ ରକ୍ଷା ପାଇବା ପାଇଁ କୃଷି ବୀମା କରିନିଅନ୍ତୁ ।

*******